# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 June – 2025**

**News Editor : Tapan Kumar Moharana**

********************************

## ମୁଖ୍ୟ ସମ୍ବାଦ

- ପରମ୍ପରା ଓ ସଂସ୍କୃତି ସହିତ ଜଡିତ କୃଷି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ଜମି କିସମ ସଂଖ୍ୟା ହ୍ରାସ କରାଯାଇ ୨୭ରେ ସୀମିତ ରହିବ ବୋଲି ରାଜସ୍ୱ ମନ୍ତ୍ରୀଙ୍କ ସୂଚନା
- ପବିତ୍ର ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଆଜି ହେବ ଓଷଲାଗି ନୀତି

ଏବଂ

- 'କୁମ୍ଭୀର ସହିତ ସହାବସ୍ଥାନ-ସମ୍ପ୍ରଦାୟ ମାଧ୍ୟମରେ ସଂରକ୍ଷଣ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ କୁମ୍ଭୀର ଦିବସ

## ମୁଖ୍ୟମନ୍ତ୍ରୀ-ବଲାଙ୍ଗିର ଗସ୍ତ

ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି ଏବଂ ଏହା ସହିତ ପରମ୍ପରା ଓ ସଂସ୍କୃତି ଜଡିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ବଲାଙ୍ଗିର** ଜିଲ୍ଲା ପଥରଚେପା ପଡିଆରେ କୃଷି ଶକ୍ତି ସମାବେଶକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ। କୃଷକ ଭାଇଭଉଣୀଙ୍କ ସମୃଦ୍ଧି ଓ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଅନ୍ନଦାତାଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ସମୃଦ୍ଧ କୃଷି ଯୋଜନାରେ କୁଇଣ୍ଟାଲ ପିଛା ଧାନର ସହାୟକ ମୂଲ୍ୟ ବୃଦ୍ଧି ସହ ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -** (CM)

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ପ୍ରାଥମିକତା ଦେଇ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତିଗୁଡ଼ିକୁ ରିହାତି ଦରରେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି କିସମ-ସୁରେଶ ପୂଜାରୀ

ରାଜ୍ୟରେ ଜମି କିସମ ସଂଖ୍ୟା ହ୍ରାସ କରାଯାଇ ୨୭ରେ ସୀମିତ ରହିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଅନାବଶ୍ୟକ କିସମ ଜମି ସ୍ୱତ୍ତ୍ୱକୁ ଉଚ୍ଛେଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଜମି କିସମକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିବାରୁ ବ୍ରିଟିଶ  ସରକାରଙ୍କ ଅମଳର ଏହି ଧାରାକୁ ପରିବର୍ତ୍ତନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଜମି ସତ୍ତ୍ୱର ମଧ୍ୟ ପରିବର୍ତ୍ତନ ହେବା ସହିତ ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ।

## ବସୁମତୀ ସ୍ନାନ

ରଜ ପର୍ବର ଶେଷ ଦିନରେ ଆଜି ରାଜ୍ୟରେ ବସୁମତୀ ମହାସ୍ନାନ ପର୍ବ ପାଳନ କରାଯାଇଛି। **ସୁବର୍ଣ୍ଣପୁର** ଜିଲ୍ଲାରେ ବସୁମତୀ ସ୍ନାନ ପରେ ମା-ଭଉଣୀମାନେ ଲକ୍ଷ୍ମୀଙ୍କୁ ଗୁଡ ନୈବେଦ୍ୟ ଅର୍ପଣ କରି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଛନ୍ତି। ସୁବର୍ଣ୍ଣପୁରର ଅଧୀଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ, କୋଶଳେଶ୍ୱରୀ, ରାମଚଣ୍ଡୀଙ୍କ ସମେତ ଅଷ୍ଟଚଣ୍ଡୀ ଓ ଜିଲ୍ଲାର ଶତାଧୀକ ମାହେଶ୍ୱରୀ ମନ୍ଦିରରେ ଦେବୀଙ୍କ ସ୍ନାନ ଓ ପୂଜନ ଅନୁଷ୍ଠିତ ହୋଇଯାଇଛି।

**ଗଞ୍ଜାମ** ଜିଲ୍ଲା ଅଧୀଷ୍ଠାତ୍ରୀ ଦେବୀ ମା' ତାରାତାରେଣୀଙ୍କ  ମଙ୍ଗଳ ଆଳତୀ, ଅବକାଶ ବେଶ ପରେ ସେବାୟତମାନେ ଋଷିକୂଲ୍ୟା ନଦୀରୁ

୧୦୮ ଗରା ଜଳ ଆଣି ମନ୍ଦିରରେ ପହଞ୍ଚିବା ପରେ ସ୍ୱତନ୍ତ୍ର ପଞ୍ଚାମୃତ ଅଭିଷେକ କରାଯାଇ ମା' ବସୁମତୀ ସ୍ନାନ କରାଯାଇଥିଲା । ମା' ତାରାତାରେଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସୁସଜ୍ଜିତ କରାଯାଇ ଭକ୍ତି ନୈବେଦ୍ୟ ଅର୍ପଣ କରାଯାଇଥିଲା । ତାରାତାରେଣୀ ମନ୍ଦିରର **ମୁଖ୍ୟ ପୂଜକ ବାବୁଜୀ ରଣା** ଆକାଶବାଣୀକୁ କହିଛନ୍ତି....

**- V/O –**

## ସ୍ନାନଯାତ୍ରା

**ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଷଷ୍ଠୀ ତିଥିରେ ସୁଦୁସୁଆରଙ୍କ ଘରୁ ଆସିଥିବା ଔଷଧ ମହାପ୍ରଭୁଙ୍କୁ ଲାଗି କରାଯିବ । ମଧ୍ୟାହ୍ନ ଧୂପନୀତି ସରିବା ପରେ ବେହରଣ ଦ୍ୱାର ଦେଇ ଦଇତାପତି ପ୍ରବେଶ କରି ଏହି ଔଷଧ ଲାଗି କରିବେ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ....

*ଶ୍ରୀମନ୍ଦିର ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ପ୍ରଭୁଙ୍କର ଆୟୁର୍ବେଦ ପଦ୍ଧତି ଚିକିତ୍ସା କରାଯାଉଛି । ଘନ ଅନ୍ଧକାର ମଧ୍ୟରେ ଏହି ଅନବସର ଗୁପ୍ତ ଚିକିତ୍ସା ଜାରି ରହିଛି । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଅଣସର ଘରେ ଗୁପ୍ତ ସେବା ନୀତି ଚାଲିଛି । ଦଇତାପତି ଓ ପତି ମହାପାତ୍ର*

*ସେବକମାନେ ମହାପ୍ରଭୁଙ୍କର ଗୁପ୍ତ ସେବା କରୁଛନ୍ତି । ଶ୍ରୀ ବିଗ୍ରହଙ୍କର ଓଦା ଲୁଗା ଓଲାଗି, ଶ୍ରୀଅଙ୍ଗ ଫିଟା ନୀତି ପରେ ଗତକାଲି ପଂଚମୀ ତିଥିରେ ବଡ଼ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ ଫୁଲୁରି ତେଲ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଂଗରେ ଲାଗି ହୋଇଛି । ଫୁଲୁରି ତେଲର ପ୍ରଭାବରେ ମହାପ୍ରଭୁ ଜ୍ୱରରୁ ସାମାନ୍ୟ ଉପଶମ ପାଇଛନ୍ତି ।*

ସ୍ମୃତିରେଖା ତାରେଣିଆ, ଆକାଶବାଣୀ ସମ୍ବାଦ ବିଭାଗ

## ଗୋପବନ୍ଧୁ-ପୂଣ୍ୟତିଥି

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେବା, ସଂଗ୍ରାମ, ସଂସ୍କାର ଓ ତ୍ୟାଗର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ମାନବ ସେବାକୁ ମାଧବ ସେବା ଭାବେ ନୀତି କରିଥିବା ଗୋପବନ୍ଧୁ କର୍ମ ହିଁ ଜୀବନର ମାନଦଣ୍ଡ ବୋଲି ବାର୍ତ୍ତା ଦେଇଥିଲେ ।

ଗୋପବନ୍ଧୁ ୧୯୧୭ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ୧୯୨୧ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ ।  ପୂର୍ବରୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ

୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପୁରୋଧା ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ- 'ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ'।

ଜଣେ ଛାତ୍ରବତ୍ସଳ ଶିକ୍ଷକ, ସମାଜ ସଂସ୍କାରକ, ଦାର୍ଶନିକ, ଲେଖକ ଏବଂ ରାଜନୈତିକ ଭାବରେ ସୁପରିଚିତ ଉତ୍କଳମଣି ଗୋପବନ୍ଧୁ ୧୯୨୮ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ।

**ଗଞ୍ଜାମ** ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ସହରର ବିଭିନ୍ନ ଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ସ୍ମୃତିସଭା ଅନୁଷ୍ଠିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

# ବିଶ୍ୱ କୁମ୍ଭୀର ଦିବସ

ପରିବେଶ ସନ୍ତୁଳନରେ କୁମ୍ଭୀରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସେମାନଙ୍କର ବାସସ୍ଥାନକୁ ସୁରକ୍ଷା ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ କୁମ୍ଭୀର ଦିବସ ପାଳନ କରାଯାଉଛି । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, କୁମ୍ଭୀରମାନେ ୨୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଅସ୍ତିତ୍ୱରେ ଥିବା ପ୍ରାଚୀନ ସରିସୃପ।

କୁମ୍ଭୀର ପ୍ରଜାତି, ଡାଇନୋସର ଯୁଗର ବଂଚି ରହିଥିବା ପ୍ରାଣୀ, ସ୍ଥିରତା, ଅନୁକୂଳନ ଏବଂ ପରିବେଶଗତ ସନ୍ତୁଳନକୁ ପ୍ରତିନିଧିତ୍ୱ କରିଥାନ୍ତି।

ଚଳିତବର୍ଷ ବିଶ୍ୱ କୁମ୍ଭୀର ଦିବସର ବିଷୟବସ୍ତୁ ରହିଛି- କୁମ୍ଭୀର ସହିତ ସହାବସ୍ଥାନ-ସମ୍ପ୍ରଦାୟ ମାଧ୍ୟମରେ ସଂରକ୍ଷଣ। କୁମ୍ଭୀର ସଂଖ୍ୟା ସଂରକ୍ଷଣ ଏବଂ ଶିକାରୀଙ୍କ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ଦିଗରେ ସ୍ଥାନୀୟ ଲୋକମାନଙ୍କର ଆଜିର ବାର୍ତ୍ତା ଗୁରୁତ୍ୱାରୋପ କରିଥାଏ। ବିଶ୍ୱରେ ବାସସ୍ଥାନ କ୍ଷତି, ଜବର ଦଖଲ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁମ୍ଭୀର ଓ ମଣିଷ ମଧ୍ୟରେ ସଂଘର୍ଷ ସାଧାରଣ ଘଟଣା ପାଲଟି ଗଲାଣି।

ଦେଶରେ କୁମ୍ଭୀର ବିବିଧତା ଏବଂ ସଂରକ୍ଷଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ମଧ୍ୟରୁ  ଓଡ଼ିଶା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଓଡ଼ିଶା ମଗର କୁମ୍ଭୀର, ଲୁଣିଜଳ କୁମ୍ଭୀର ଓ ଘଡିଆଳ କୁମ୍ଭୀର ପ୍ରଜାତି ଦେଖାଯାଇଥାନ୍ତି। ୨୦୨୪ କୁମ୍ଭୀର ଗଣନା ଅନୁସାରେ, ୧ ହଜାର ୮୨୬ ଲୁଣି ଜଳ କୁମ୍ଭୀର ଥିବା ଜଣାପଡିଛି।

ଏହି ଜୀବଙ୍କର ସଂରକ୍ଷଣ ଓ ସୁରକ୍ଷା ନେଇ  ୫୦ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରାଥମିକ ସ୍ତରରେ ହୋଇଥିବା ଆକଳନ ଅନୁଯାୟୀ ଭିତରକନିକା ଅଞ୍ଚଳରେ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଜଣାପଡ଼ିଛି ।

ଅନ୍ତର୍ଜାତୀୟ କୁମ୍ଭୀର ଦିବସ ଏବଂ ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । କୁମ୍ଭୀର ସଂରକ୍ଷଣର ପ୍ରତିବଦ୍ଧତାକୁ ନିରନ୍ତର ବଜାୟ ରଖିବା ପାଇଁ ନିଃସ୍ୱାର୍ଥପର ଚେଷ୍ଟା ଜାରି ରଖିବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

## ବିକଶିତ ଓଡ଼ିଶା

ବିକଶିତ ଓଡ଼ିଶା ୨୦୩୬ରେ **ସୁବର୍ଣ୍ଣପୁର** ଜିଲ୍ଲାର ବିକାଶକୁ ଯୋଡିବା ଲକ୍ଷ୍ୟରେ ଆଜି ଜିଲ୍ଲା ସଦର ବ୍ଲକ୍ ସମ୍ମିଳନୀ ହଲ୍‌ରେ 'ବିକଶିତ ଜିଲ୍ଲା-ବିକଶିତ ଓଡ଼ିଶା' ଶୀର୍ଷକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଅଧ୍ୟକ୍ଷତା କରି ବିଧାୟକ ରଘୁନାଥ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସହଭାଗୀ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏଥିସହିତ ଜିଲ୍ଲାରେ କାର୍ଯ୍ୟରତ ଅଧିକାରୀ ନିଜ ନିଜ ବିଭାଗ ସମ୍ପର୍କିତ ଜନକଲ୍ୟାଣ ଯୋଜନା ପାଇଁ ଆବଶ୍ୟକ ପ୍ରକଳ୍ପର ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଥିଲେ ।

## କବାଡ଼ି ପ୍ରତିଯୋଗିତା

**ଯାଜପୁର** କବାଡ଼ି ଆସୋସିଏସନ୍ ଆନୁକୂଲ୍ୟରେ ଖଣ୍ଡିତରଠାରେ ଚାଲିଥିବା ୭୭ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଗତକାଲି

ଉଦ୍‌ଯାପିତ ହୋଇଯାଇଛି । ବର୍ଷାଯୋଗୁଁ ଉଭୟ ପୁରୁଷ ଓ ମହିଳା ବିଭାଗ ଫାଇନାଲ ମ୍ୟାଚ୍ ଖେଳାଯାଇ ନଥିଲା । ଉଭୟ ବର୍ଗରେ ଫାଇନାଲ୍ ମ୍ୟାଚ୍‌ରେ ପ୍ରବେଶ କରିଥିବା ଦୁଇ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ମହିଳା ବର୍ଗରେ ପୂର୍ବତଟ ରେଳବାଇ ଓ ଦକ୍ଷିଣପୂର୍ବ ରେଳବାଇ ଫାଇନାଲ୍ ମ୍ୟାଚ୍‌ରେ ପ୍ରବେଶ କରିଥିବାରୁ ଦୁଇ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ଫାଇନାଲରେ ପ୍ରବେଶ କରିଥିବା ପୁରୁଷ ବିଭାଗର ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ବିଳାସପୁର ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ଉଦ୍‌ଯାପନୀ ଦିବସରେ କୋରେଇ ବିଧାୟକ ଆକାଶ ଦାସନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷା ସହିତ ବଜ୍ରପାତ ଏବଂ ପବନର ବେଗ ୪୦ ରୁ ଅଧିକ ରହିବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀର ନିମ୍ନଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁର, ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଆରମ୍ଭ ହୋଇଛି। ଆଗାମୀ ଦିନେ ଦୁଇଦିନ ମଧ୍ୟରେ ମୌସୁମୀ ଅଧିକ ସକ୍ରିୟ ହୋଇ ସାରା ରାଜ୍ୟକୁ ଅଗ୍ରସର ହେବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି।

********************************